# NATIONAL NEWS BULLETIN (ODIA)

## 18 October 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ଚୋରବାଗାନ୍ ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା ଘଟଣାରେ ୧୯ ଜଣ ମୃତ ଓ ୨୫ ଆହତ

- ଘଟଣାରେ ଦୁଃଖପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ଚା'ରେ ସୀମିତ ପରିମାଣର କୀଟନାଶକ ବ୍ୟବହାର ନେଇ ସଂଶୋଧନ ପ୍ରସ୍ତାବ ଜରି ।

- ଫ୍ରାନ୍ସରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ସୂଚନା ।

ଏବଂ

- ଭାରତ ଓ ଜିମ୍ବାୱେ ମଧ୍ୟରେ ମହିଳା ଟି-୨୦ ଆନ୍ତର୍ଜାତିକ ସିରିଜ୍‌ର ଆଜି ଖେଳାଯିବ ଦ୍ୱିତୀୟ ମ୍ୟାଚ୍ ।

- ଜାପାନର ଆଇଚି ନାଗୋୟାଠାରେ ଆଜି ଆରମ୍ଭ ହେବ ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତା ।

# କୋଲକାତା ଷ୍ଟାମ୍ପେଡ

ପଶ୍ଚିମବଙ୍ଗର ଉତ୍ତର କୋଲକାତାସ୍ଥିତ ଚୋରବାଗାନ ଦୁର୍ଗାପୂଜା ମଣ୍ଡପରେ ଗତକାଲି ସନ୍ଧ୍ୟାରେ ଦଳାଚକଟା ଘଟି ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ମହାସପ୍ତମୀ ପୂଜା ଚାଲିଥିବା ସମୟରେ ରାତି ପ୍ରାୟ ୮ଟାରେ ଏହି ଅଘଟଣ ଘଟିଥିଲା। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପ୍ରବଳ ବର୍ଷା ଓ ହଠାତ୍ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଯିବାରୁ ମଣ୍ଡପରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ଅନେକ ଲୋକ ତଳେ ପଡ଼ିଯିବାରୁ ଦଳାଚକଟା ସ୍ଥିତି ଉପୁଜିଥିଲା। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନା ଗୁଡ଼ିକରେ ଭର୍ତ୍ତି କରାଯାଇଛି।

ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ ବିଭିନ୍ନ ହସ୍ପିଟାଲ ପରିଦର୍ଶନ କରି ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ମୃତକଙ୍କ ପରିବାର ପିଛା ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ପରିବାରର ଜଣେ ସଦସ୍ୟଙ୍କୁ ଗ୍ରୁପ୍-ଡି ସରକାରୀ ଚାକିରି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଘଟଣାରେ ପୂଜା ଆୟୋଜକ, ଘରୋଇ ସୁରକ୍ଷାକର୍ମୀ ଏବଂ ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ପୂଜା ଆୟୋଜକଙ୍କ ପକ୍ଷରୁ ମାଇକ୍‌ରେ କରାଯାଇଥିବା ଏକ ଘୋଷଣା

ପରେ ଦର୍ଶନାର୍ଥୀଙ୍କ ମଧ୍ୟରେ ହଠାତ୍ ଠେଲାପେଲା ଆରମ୍ଭ ହୋଇଥିଲା। ଘଟଣାର ତଦନ୍ତ ପାଇଁ କଲିକତା ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ-ଏସ୍ଆଇଟି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ପ୍ରେଜ୍-ଭିପି-ପିଏମ୍ : ଷ୍ଟାମ୍ପେଡ

କୋଲକାତାର ଚୋରବାଗାନ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା ଯୋଗୁଁ ମୃତ୍ୟୁ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ ବରିଷ୍ଠ ନେତା ଗଭୀର ଶୋକ ପ୍ରକାଶ କରିଛନ୍ତି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଉପରାଷ୍ଟ୍ରପତି ମଧ୍ୟ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ଅତ୍ୟନ୍ତ ମର୍ମାହତ କରିବା ଭଳି ଘଟଣା ବୋଲି କହିବା ସହ ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଭାବିତ ଲୋକଙ୍କୁ ପଶ୍ଚିମବଙ୍ଗ ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଉଥିବା ସେ କହିଛନ୍ତି।

ଏହି ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି ଶ୍ରୀ ମୋଦୀ ଘୋଷଣା କରିଛନ୍ତି। ସେହିପରି ପ୍ରତ୍ୟେକ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯିବ।

ପଶ୍ଚିମବଙ୍ଗ ଗସ୍ତରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀଙ୍କ ସହ କଥା ହୋଇଥିବା ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। ଶ୍ରୀ ଶାହା ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଆହତମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସମ୍ଭାବ୍ୟ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଥିବା ସେ କହିଛନ୍ତି। ଏଥିସହ ଆଜି ପଶ୍ଚିମବଙ୍ଗରେ ତାଙ୍କର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି । ତେବେ ଶ୍ରୀ ଶାହା ଆଜି ଡାକ୍ତରଖାନାରେ ଆହତମାନଙ୍କୁ ଭେଟିବେ ବୋଲି ଘୋଷଣା କରିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଦଳାଚକଟାରେ ଜୀବନହାନି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି।

ସେହିପରି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି...

**V/O**
# ଏଫ୍‌ଏସ୍‌ଏସ୍‌ଏଆଇ

ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ - **FSSAI** ଚା’ରେ ଦୁଇଟି କୀଟନାଶକ ଏସିଟାମିପ୍ରିଡ୍ ଏବଂ ଇମିଡାକ୍ଲୋପ୍ରିଡ୍‌ର ସର୍ବାଧିକ ସୀମା ନିର୍ଦ୍ଧାରଣ ପାଇଁ  ଚିଠା ସଂଶୋଧନ ପ୍ରସ୍ତାବ ଜାରି କରିଛନ୍ତି। ପ୍ରସ୍ତାବ ଅନୁଯାୟୀ, ଚା’ରେ ଏସିଟାମିପ୍ରିଡ୍‌ର ସର୍ବାଧିକ କିଲୋଗ୍ରାମ ପିଛା ୨୦ ମିଲିଗ୍ରାମ ଏବଂ ଇମିଡାକ୍ଲୋପ୍ରିଡ୍‌ର ସୀମା କିଲୋଗ୍ରାମ ପିଛା ୫୦ ମିଲିଗ୍ରାମରେ ସୀମିତ ରଖିବାକୁ କୁହାଯାଇଛି।

ଅନ୍ୟଏକ ପ୍ରସ୍ତାବ ଅନୁଯାୟୀ ଛଅ ମାସ ପର୍ଯ୍ୟନ୍ତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟରେ ସୁକ୍ରୋଜ୍ ଓ ଫ୍ରୁକ୍ଟୋଜ୍ ମିଶାଇବା ନିଷିଦ୍ଧ କରିବାକୁ ମଧ୍ୟ ପ୍ରାଧିକରଣ ପ୍ରସ୍ତାବ ଦେଇଛି। ଏଥିପାଇଁ ଶିଶୁ ପୋଷଣ ସମ୍ବନ୍ଧୀୟ ୨୦୨୦ ମସିହାର ନିୟମାବଳୀରେ ସଂଶୋଧନ ନିମନ୍ତେ ଏକ ଚିଠା ପ୍ରକାଶ କରାଯାଇଛି।

ସେହିପରି ଖାଦ୍ୟ ପଦାର୍ଥର ପ୍ୟାକେଟ୍ ଉପରେ ଭ୍ରମାତ୍ମକ ଦାବି ଓ ଲେବଲିଂରେ ଅସଙ୍ଗତି ଅଭିଯୋଗରେ ପ୍ରାଧିକରଣ ନେସ୍‌ଲେ ଇଣ୍ଡିଆ ଏବଂ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍‌କୁ ନୋଟିସ୍ ଜାରି କରିଥିବା ଜଣାପଡିଛି ।

## ଫ୍ରାନ୍ସ ପ୍ରୋଟେଷ୍ଟ

ଫ୍ରାନ୍ସର ବିଭିନ୍ନ ସହରରେ ପୋଲିସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ହିଂସାକାଣ୍ଡରେ ଲିପ୍ତ ୧୨୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିବାବେଳେ ପ୍ରାୟ ୧୫୦ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ଜୀବନଯାପନ ଖର୍ଚ୍ଚ ବୃଦ୍ଧି ପ୍ରତିବାଦରେ ଗତକାଲି ଦେଶବ୍ୟାପୀ ଆନ୍ଦୋଳନ ବେଳେ ଏହି ହିଂସାକାଣ୍ଡ ଘଟିଥିଲା। ପ୍ରଥମେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଆରମ୍ଭ ହେବାପରେ ଏହା ଉଗ୍ର ରୂପ ନେଇଥିଲା। ବିକ୍ଷୋଭକାରୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଆଁ ଲଗାଇବା ସହ ଲୁଟ୍‌ପାଟ କରିଥିବା ଜଣାପଡିଛି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ହିଂସାତ୍ମକ ଘଟଣାରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଦଣ୍ଡବିଧାନ କରାଯିବ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ଏହି ବିକ୍ଷୋଭରେ ପ୍ରାୟ ୫ ଲକ୍ଷ ୫୦ ହଜାର ଲୋକ ସାମିଲ ହୋଇଥିଲେ।

## ଡିଫେନ୍ସ ମିନିଷ୍ଟ୍ରି

ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଭାରତ ଓ ବ୍ରିଟେନ୍ ମଧ୍ୟରେ ଅନୁଷ୍ଠିତ ୪ ଦିନିଆ ଦ୍ୱିପାକ୍ଷିକ ସାମୁଦ୍ରିକ ସମରାଭ୍ୟାସ 'କୋଙ୍କଣ-୨୬' ବ୍ରିଟେନ୍‌ର ପ୍ଲାଇମାଉଥ୍‌ଠାରେ ଶେଷ ହୋଇଛି।

ଚଳିତ ମାସ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସମରାଭ୍ୟାସରେ ଭାରତୀୟ ନୌସେନା ଓ ବ୍ରିଟେନ୍‌ର ରୟାଲ୍ ନେଭି ବିଭିନ୍ନ ସାମରିକ ଏବଂ ବୃତ୍ତିଗତ କ୍ଷେତ୍ରରେ ଅଭ୍ୟାସ କରିଥିଲେ।

ଭାରତୀୟ ନୌସେନା ପକ୍ଷରୁ ଷ୍ଟିଲ୍‌ଥ୍ ଫ୍ରିଗେଟ୍ ଆଇଏନଏସ୍ ତ୍ରିଶୂଳ ଏବଂ ବ୍ରିଟେନ୍ ପକ୍ଷରୁ ଡ୍ୟୁକ୍ ଶ୍ରେଣୀର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧଜାହାଜ ଏଚ୍‌ଏମ୍‌ଏସ୍ ସୁଦରଲ୍ୟାଣ୍ଡ ଅଂଶଗ୍ରହଣ କରିଥିଲା। ବ୍ରିଟେନ୍‌ର ରୟାଲ୍ ନେଭିର ଫ୍ଲିଟ୍ ଅପରେସନାଲ୍ ଷ୍ଟାଣ୍ଡାର୍ଡସ୍ ଆଣ୍ଡ ଟ୍ରେନିଂ ୟୁନିଟ୍ ଏହି ଅଭ୍ୟାସର ପରିଚାଳନା କରିଥିଲା।

ଏହି ସମରାଭ୍ୟାସରେ ଉନ୍ନତ ସାମୁଦ୍ରିକ ଚାଳନା କୌଶଳ, ମିଳିତ ରଣକୌଶଳ ଅଭ୍ୟାସ, ଯୋଗାଯୋଗ ପ୍ରଣାଳୀ, ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ ଏବଂ ଏକାଧିକ ବିପଦପୂର୍ଣ୍ଣ ସାମୁଦ୍ରିକ ପରିସ୍ଥିତିରେ ଅସ୍ତ୍ର ପ୍ରୟୋଗ ଅଭ୍ୟାସ କରାଯାଇଥିଲା ।

# ଚୌହ୍ୱାନ-ଖେତ୍ ବଚାଓ ଅଭିଯାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ 'କ୍ଷେତ ବଚାଓ ଅଭିଯାନ'ର ପ୍ରସ୍ତୁତି ସମ୍ପର୍କରେ ଆଭାସୀ ମାଧ୍ୟମରେ ସମୀକ୍ଷା କରିଛନ୍ତି। ଏହି ଅଭିଯାନ ଚଳିତ ମାସ ୨୨ ତାରିଖରୁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

ଅନୁଷ୍ଠିତ ବୈଠକରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀଙ୍କ ସମେତ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ଉତ୍ତରାଖଣ୍ଡ, ରାଜସ୍ଥାନ, ଆସାମ, ହରିୟାଣା, ଜମ୍ମୁ-କାଶ୍ମୀର, ବିହାର ଓ ମହାରାଷ୍ଟ୍ରର କୃଷି ମନ୍ତ୍ରୀମାନେ ଯୋଗ ଦେଇଥିଲେ।

ଏହି ଅଭିଯାନରେ କୃଷକ, କୃଷି ବୈଜ୍ଞାନିକ ଏବଂ ଜିଲ୍ଲା ପ୍ରଶାସନର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଶ୍ରୀ ଚୌହାନ ଆହ୍ୱାନ ଦେଇଛନ୍ତି। କୃଷକମାନେ ଯେପରି ଏହି ଅଭିଯାନରୁ ପ୍ରତ୍ୟକ୍ଷ ଲାଭ ପାଇପାରିବେ, ସେଥିପାଇଁ ଏହାକୁ ଗୁରୁତ୍ୱର ସହ କାର୍ଯ୍ୟକାରୀ କରିବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ କରିବା ଉପରେ କୃଷିମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ଆୟୁଷ - ମେନୋପଜ୍ ଡେ

ମଧ୍ୟ ବୟସରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ବିଷୟ ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମେନୋପଜ୍ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ମଧ୍ୟବୟସରେ ଦୀର୍ଘକାଳୀନ ଯନ୍ତ୍ରଣା'।

ଏହି ଅବସରରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ମେନୋପଜ୍ ସମୟରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନତା, ପ୍ରତିଷେଧକ ଯତ୍ନ ଏବଂ

ସମନ୍ୱିତ ଚିକିତ୍ସା ପଦ୍ଧତିର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି। କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଗବେଷଣା ପରିଷଦ -**CCRAS** ମାଧ୍ୟମରେ ମେନୋପଜ୍ ସମୟରେ ମହିଳାଙ୍କ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ଓ ଭାବଗତ ସୁସ୍ଥତା ଏବଂ ଜୀବନର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯାଇଛି।

ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା କହିଛନ୍ତି, ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ, ବିଶେଷକରି ମେନୋପଜ୍ ସମୟରେ, ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ନିରନ୍ତର ଧ୍ୟାନ ଦେବା ଆବଶ୍ୟକ।

# ୟେମେନ୍-କିଲ୍ଡ

ୟେମେନ୍‌ର ଧମାର ଅଞ୍ଚଳରେ ବିମାନ ଆକ୍ରମଣରେ ତିନି ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ଜଣରୁ ଅଧିକ ଲୋକ ଆହତ ହୋଇଛନ୍ତି। ହୁତି ବିଦ୍ରୋହୀଙ୍କ ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଡାଓ୍ୱରାନ ଆନେସ ଜିଲ୍ଲାର ଅଲ୍-ଆର ଗ୍ରାମରେ ଥିବା ଘରଗୁଡ଼ିକ ଉପରେ ଏହି ଆକ୍ରମଣ କରାଯାଇଥିଲା । ଏଥିପାଇଁ ହୁତି ବିଦ୍ରୋହୀମାନେ ସାଉଦି ଆରବକୁ ଦାୟୀ କରିଥିବା ବେଳେ, ଏହି ଅଭିଯୋଗ ଉପରେ ରିୟାଦ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ସୂଚନା ଅନୁଯାୟୀ ଗତ ମାସରେ ପୁଣି ଥରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ହୁତି ନିୟନ୍ତ୍ରଣାଧୀନ ଅଞ୍ଚଳଗୁଡ଼ିକରେ ୧୨୪ ଜଣଙ୍କ ମୃତ୍ୟୁ ହୋଇଛି।

## ରୁଷ୍ ଏଫ୍‌ଏମ୍-ତେହେରାନ ଭିଜିଟ୍

ରୁଷ୍‌ର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଆସନ୍ତାକାଲି ତେହେରାନ ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘାଚିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରୁଷ୍‌ର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ଏହି ସୂଚନା ଦେଇଛନ୍ତି।

ଉଭୟ ନେତାଙ୍କ ମଧ୍ୟରେ ହେବାକୁ ଥିବା ଆଲୋଚନାରେ ଇରାନ ପରିସ୍ଥିତି ଓ ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ କରିବା ପ୍ରସଙ୍ଗ ସ୍ଥାନ ପାଇବ ବୋଲି ଜଣାପଡିଛି ।

## ମହିଳା କ୍ରିକେଟ୍

ମହିଳା କ୍ରିକେଟ୍‌ରେ, ଭାରତ ଓ ଜିମ୍ବାୱେ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ରାୟପୁରର ସହିଦ ବୀର ନାରାୟଣ ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ।

ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଭାରତ ପ୍ରଥମ ମ୍ୟାଚ୍‌ରେ ଚାରି ୱିକେଟ୍‌ରେ ବିଜୟୀ ହୋଇ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ପ୍ରସ୍ତାବ

କ୍ରମେ, ଏହି ସିରିଜ୍‌ର ସମସ୍ତ ତିନୋଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଦେଖିବା ପାଇଁ ମହିଳା ଦର୍ଶକଙ୍କୁ ମାଗଣା ପ୍ରବେଶ ଅନୁମତି ଦିଆଯାଇଛି । ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଦିନ ଖେଳାଯିବ ।

ଗତକାଲି ପୁରୁଷ କ୍ରିକେଟ୍‌ରେ, ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ପଞ୍ଚମ ତଥା ନିର୍ଣ୍ଣାୟକ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି । ଫଳରେ, ଏହି ସିରିଜ୍ ଦୁଇ-ଦୁଇରେ ଶେଷ ହୋଇଛି ।

## ଏସୀୟ ପାରା ଗେମ୍ସ

ଜାପାନର ଆଇଚି-ନାଗୋୟାଠାରେ ଆଜି ଏସୀୟ ପାରା କ୍ରୀଡ଼ା ୨୦୨୬ର ଆନୁଷ୍ଠାନିକ ଆରମ୍ଭ ହେବ । ଏହି କ୍ରୀଡ଼ାର ପଞ୍ଚମ ସଂସ୍କରଣରେ ୪୫ଟି ଜାତୀୟ ପାରାଲିମ୍ପିକ୍ କମିଟିର ପ୍ରାୟ ୩ ହଜାର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତା ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୧୮ଟି କ୍ରୀଡ଼ା ବିଭାଗରେ ପ୍ରତିଯୋଗିତା ହେବ ।

ଭାରତୀୟ ସମୟ ଆଜି ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଏହି କ୍ରୀଡ଼ା ଆରମ୍ଭ ହେବ ।

ପାରା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପ୍ରମୋଦ ଭଗତ ଏବଂ କ୍ରୀଡ଼ାବିତ୍ ସିମ୍ରନ୍ ଶର୍ମା ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଦଳର ପତାକାବାହକ ହେବେ ।

ଏହି କ୍ରୀଡ଼ାରେ ଭାଗନେବା ପାଇଁ ଭାରତରୁ ୨୮୧ ଜଣିଆ ଦଳ ଜାପାନ ଗସ୍ତ କରିଛନ୍ତି । ସେମାନଙ୍କ ମଧ୍ୟରେ ୧୧୨ ଜଣ ପୁରୁଷ ଓ ୫୬ ଜଣ ମହିଳା କ୍ରୀଡ଼ାବିତ୍ ଥିବାବେଳେ ସେମାନେ ୧୧ଟି କ୍ରୀଡ଼ା ବିଭାଗରେ ଭାଗ ନେବେ ।